## ଗଞ୍ଜେଇ ଭର୍ତ୍ତି ଅଟୋ ଜବତ, ୪ ଗିରଫ

ବାଲିଗୁଡ଼ା,(ଡି.ଏନ.ଏ.): ବାଲିଗୁଡ଼ା ପୋଲିସ ବେଆଇନ ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ଅଟୋ ସହ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ଜଣ ଗଞ୍ଜେଇ ବେପାରିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କଟକ ମଧୁପାଟଣା ଅଞ୍ଚଳର ବେଣୁଧର ସେଠି, ବିଦ୍ୟାଭୂଷଣ ଦାସ, କଟକ ଚୌଦ୍ୱାର ଅଞ୍ଚଳର ଗଦାଧର ପଣ୍ଡା ଓ ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର କାଳନ୍ଦୀ ସ୍ୱାଇଁ। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଥାନା ବିରାଗୁଡ଼ା ଛକ ନିକଟରେ ଗଞ୍ଜେଇ ଭର୍ତ୍ତି ହୋଇ ଯାଉଥିବା ଅଟୋକୁ ଅଟକାଇଥିଲା। ଯାଞ୍ଚ କରିବାରୁ ସେଥିରେ ୪୫କେଜି ୩୦୦ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା।

## ସଂକ୍ଷେପରେ

### ଆନ୍ଧ୍ରକୁ ବାଲିଚାଲାଣ ଅଭିଯୋଗ, ୨ ଗିରଫ

ଗୋପାଳପୁର,୨୪।୭(ଡି.ଏନ୍.ଏ.): ଆନ୍ଧ୍ରପ୍ରଦେଶକୁ ଠକେଇ କରି ବାଲି ଚୋରାଚାଲାଣ ଅଭିଯୋଗରେ ଶନିବାର ଗୋଳନ୍ଥରା ପୋଲିସ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ର ରାଜ୍ୟ କାଞ୍ଚିଲି ଅଞ୍ଚଳର ଟ୍ରକ୍‌ଚାଳକ ବି. ଦୀନବନ୍ଧୁ ଓ ଟ୍ରକ ମାଲିକ ବି. ବୈକୁଣ୍ଠ ରାଓ। ଦୀନବନ୍ଧୁ ଓ ବୈକୁଣ୍ଠ ମିଶି ଏକ ଟ୍ରକରେ ଛତ୍ରପୁର ଋଷିକୁଲ୍ୟାରୁ ଶୁକ୍ରବାର ରାତିରେ ବାଲି ଚୋରି କରି ଏକ ଟ୍ରକରେ ରାତି ପ୍ରାୟ ୧୦ଟାରେ କାଞ୍ଚିଲି ନେଉଥିବା ବେଳେ ଗୋଳନ୍ଥରା ପୋଲିସ ୧୬ ନଂ. ଜାତୀୟ ରାଜପଥ ଚଟି ଛକ ନିକଟରେ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଚାଳକ ଓ ମାଲିକ ୱାଇ ଫର୍ମ ବେଲଗୁଣ୍ଠା ତହସିଲର ଦେଖାଇଥିଲେ। ଥାନାରେ ଉଭୟଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ପୋଲିସ ତଦନ୍ତ ବେଳେ ନକଲି ୱାଇ ଫର୍ମରେ ବାଲି ଚୋରି କରି ଆନ୍ଧ୍ରକୁ ନେଉଥିବା ଜାଣିବାକୁ ପାଇଥିଲା। ଏ ନେଇ ପୋଲିସ ନଂ .୧୯୬/୨୧ରେ ମାମଲା ରୁଜୁ କରି ବାଲି ଟ୍ରକକୁ ଜବତ କରିଛି।

### ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ହେଲେ ହରେନ



ଦାରିଙ୍ଗବାଡ଼ି,୨୪।୭ (ଡି.ଏନ୍.ଏ): କନ୍ଧମାଳ ଜିଲା ଭାଜପା ଓବିସି ମୋର୍ଚ୍ଚାର ଜିଲା ସଭାପତି ଭାବେ ଯୁବ ଆଇନଜୀବୀ ହରେନ କୁମାର ସାହୁ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଦାରିଙ୍ଗବାଡ଼ି ଭାଜପା ସଙ୍ଗଠନରେ ବିଭିନ୍ନ ଦାୟିତ୍ୱ ନେଇ ସୂଚାରୁ ରୂପେ କାର୍ଯ୍ୟ କରିଆସିଛନ୍ତି। ତାଙ୍କୁ ଭାଜପା ଜିଲାସ୍ତରରେ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ହରେନ ଭାଜପାର ଜିଲା ସଭାପତି ଜଗନ୍ନାଥ ସାହୁ ଏବଂ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କୁ ସାଧୁବାଦ ଜଣାଇଛନ୍ତି।

### ଗଞ୍ଜେଇ ବିକ୍ରି ଅଭିଯୋଗ, ଜଣେ କୋର୍ଟଚାଲାଣ

ଗୋପାଳପୁର,୨୪।୭(ଡି.ଏନ୍.ଏ.): ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଘରେ ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଶନିବାର ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ତାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ହଳଦିଆପଦର ଗ୍ରାମର ଭରତ ଚନ୍ଦ୍ର ମହାରଣା। ୧୬ ନଂ. ଜାତୀୟ ରାଜପଥ ହଳଦିଆପଦର ଗ୍ରାମର ଭରତ କିଛି ବର୍ଷ ହେଲା ଫୁଲବାଣୀରୁ ଗଞ୍ଜେଇ ଆଣି ଗ୍ରାମରେ ବିକ୍ରି କରୁଥିଲେ। ଖବର ପାଇ ଅବକାରୀ ଗୋଇନ୍ଦା ଆଇଆଇସି ହୃଦାନନ୍ଦ ସାମନ୍ତ, ଏସ୍‌ଆଇ ସୁଦର୍ଶନ ବିଶୋଇ ପ୍ରମୁଖ ଭରତ ବିକ୍ରି କରୁଥିବା ଘରେ ଚଢ଼ାଉ କରି ଧରିଥିଲେ। ତାଙ୍କଠାରୁ ୧୯ କେଜି ଗଞ୍ଜେଇ ଜବତ ହୋଇଛି। ଏ ନେଇ ଅବକାରୀ ଗୋଇନ୍ଦା ପକ୍ଷରୁ ନଂ. ୧୩୮/୨୧-୨୨ ରେ ମାମଲା ରୁଜୁ କରାଯାଇଛି।

### କୋଠଘର ଶିଳାନ୍ୟାସ

ଭଞ୍ଜନଗର,୨୪।୭(ଡି.ଏନ.ଏ.) ଭଞ୍ଜନଗର ଏନ୍‌ଏସି ୱାର୍ଡ଼ ନଂ. ୧୧ରେ ହେବାକୁ ଥିବା କୋଠଘର ଶିଳାନ୍ୟାସ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଶୁଳପାଣି ଶତପଥୀ, ପଞ୍ଚାନନ ପାଳ, ବିଜେଡି ନେତା ଅଶୋକ ହୋତା, ଚିଦାନନ୍ଦ ସ୍ୱାଇଁ, ଅଭିମନ୍ୟୁ ବିଷୋୟୀ, କୁନା କର ଓ ଯନ୍ତ୍ରୀ ସୁଶାନ୍ତ ସାହୁ ଯୋଗଦେଇ କାମର ଶୁଭାରମ୍ଭ କରିଥିଲେ।

### ମହିଳାଙ୍କୁ ହତ୍ୟା ଅଭିଯୋଗ

ଗୋପାଳପୁର,୨୪।୭(ଡି.ଏନ୍.ଏ.): ଜଣେ ମହିଳାଙ୍କୁ ଶାରୀରିକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନେଇ ଗୋଳନ୍ଥରା ଥାନାରେ ଶନିବାର ଅଭିଯୋଗ ହୋଇଛି। ଛତ୍ରପୁର ଥାନା ବଳରାମପୁର ଗ୍ରାମର ହରିହର ପ୍ରଧାନଙ୍କ ଝିଅ କବିତା ଗୋଳନ୍ଥରା ଥାନା ଏରେଣ୍ଡ୍ରା ଗ୍ରାମରେ ୨୦୧୨ରେ ବିବାହ କରିଥିଲା। ବିବାହର କିଛି ମାସ ପରେ କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ବିଭିନ୍ନ ସମୟରେ ସ୍ୱାମୀ, ତାଙ୍କ ମା'ବାପା, ଭଉଣୀ ଓ ଭାଇ ମିଶି କବିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ କବିତା ବାପା ହରିହରଙ୍କୁ ଫୋନ ଯୋଗେ କହିଥିଲେ। ଗତ ୧୭ ତାରିଖରେ ଘରେ ସମସ୍ତେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କବିତା ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଗତ ୨୨ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ କବିତାଙ୍କ ମୃତ୍ୟୁ ଘଟିଥିଲା। ଝିଅକୁ ଶାଶୁଘର ଲୋକେ ନିର୍ଯାତନ ଦେଉଥିବାରୁ ସେ ଆତ୍ମହତ୍ୟା କରିଥିବା ନେଇ ହରିହର ଗୋଳନ୍ଥରା ଏତଲା ଦେଇଥିଲେ। ପୋଲିସ ନଂ. ୧୯୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୩ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

- କାର୍ଯ୍ୟରେ ଅବହେଳା, ଅନୁପସ୍ଥିତ ମହଙ୍ଗା
- ୨ ମାସ ଅନୁପସ୍ଥିତ ରହି କିରାଣିଙ୍କୁ ପୂରା ଦରମା
- ଜଣେ ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକଙ୍କ ମାସକର ଦରମା ବନ୍ଦ

ଛତ୍ରପୁର,୨୪।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ, ଜିଲା ଓ ବ୍ଲକସ୍ତରୀୟ ଅଫିସର, ଶିକ୍ଷା ଅଧିକାରୀଙ୍କ ପରିଦର୍ଶନ ବେଳେ ଅନୁପସ୍ଥିତ ତଥା କାର୍ଯ୍ୟରେ ଅବହେଳା ଅଭିଯୋଗରେ ୩ ପ୍ରଧାନ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଏମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିମଧ୍ୟରୁ ଜଣେ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକଙ୍କ ମାସକର ଦରମା ବନ୍ଦ କରାଯାଇଛି। ହିଞ୍ଜିଳି ବ୍ଲକ ସିକିରି ଉଦୟନାଥ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଶାସନଆମ୍ବଗାଁ ବିଏନ୍‌ଏସ୍ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି.କେ. ଶତପଥୀଙ୍କୁ ଜିଲା ଶିକ୍ଷା ଅଧିକାରୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସେହିପରି ଶେରଗଡ଼ ଏମ୍.ଜି. ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କୁ ଶେରଗଡ଼ ବ୍ଲକ ଶିକ୍ଷା ଅଧିକାରୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି।

ଜିଲାର ୧୩୩ ସ୍କୁଲରେ ରୂପାନ୍ତରୀକରଣ କରି ସ୍ମାର୍ଟ ସ୍କୁଲ କରାଯାଉଛି। ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏହାର ମନିଟରିଂ କରିବା ସହ ବିଭିନ୍ନ ସମୟରେ ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଭାପତି ଓ ଛାତ୍ରୀଛାତ୍ରଙ୍କ ସହ କଥା ହୋଇ ଅଗ୍ରଗତି ସମ୍ପର୍କରେ ବୁଝୁଛନ୍ତି। ଏଥିସହ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ୍ୟ ବାରମ୍ବାର ସ୍କୁଲ ପରିଦର୍ଶନ କରି ଏହି କାର୍ଯ୍ୟର ସମୀକ୍ଷା ଓ ଅନୁଧ୍ୟାନ କରୁଛନ୍ତି। ୧୬ ତାରିଖରେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉଦୟନାଥ ହାଇସ୍କୁଲକୁ କାର୍ଯ୍ୟର ଅଗ୍ରଗତି ଓ ୟୁଟ୍ୟୁବ୍ କ୍ଲାସ ଦେଖିବାକୁ ଯାଇଥିଲେ। ସମସ୍ତେ ଉପସ୍ଥିତ ରହିବାକୁ ଅବଗତ କରାଯାଇଥିଲା। ମାତ୍ର ୨ ମାସ ହେଲା ଉକ୍ତ ସ୍କୁଲର କନିଷ୍ଠ କିରାଣି ସ୍କୁଲରେ ଅନୁପସ୍ଥିତ ରହି ସୁଦ୍ଧା ପୂରା ଦରମା ପାଉଥିବା ଜିଲା ଶିକ୍ଷା ଅଧିକାରୀ ଜାଣିବାକୁ ପାଇଥିଲେ। ୟୁଟ୍ୟୁବ୍ କ୍ଲାସ ପାଇଁ ଉକ୍ତ ସ୍କୁଲର ଅଧିକାଂଶ ଶିକ୍ଷକ ହ୍ୱାଟ୍ସଆପ୍ ଗ୍ରୁପ୍ କରି ନ ଥିବା ଜଣାପଡ଼ିଥିଲା। କାର୍ଯ୍ୟରେ ଅବହେଳା ଓ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀ ନୋଟିସ୍‌ରେ ଦର୍ଶାଇଛନ୍ତି। ଏଥିଲାଗି ଉକ୍ତ ନୋଟିସ୍‌ର ଉତ୍ତର ୭ ଦିନ ମଧ୍ୟରେ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହିଞ୍ଜିଳି ବ୍ଲକ ଶାସନଆମ୍ବଗାଁ ବିଏନ୍‌ଏସ୍ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମେ' ୪ ରୁ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ କୋଭିଡ୍ ପରବର୍ତ୍ତୀ ଚିକିତ୍ସା ଦର୍ଶାଇ ଅନୁପସ୍ଥିତ ରହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ଓ ବ୍ଲକ ଅଧିକାରୀଙ୍କ ପରିଦର୍ଶନ ବେଳେ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ପ୍ରଧାନ ଶିକ୍ଷକ ଘରେ ରହି କନିଷ୍ଠ କିରାଣିଙ୍କ ଅଜାଣତରେ ଷ୍ଟାଫ୍‌ଙ୍କ ଦରମା ବିଲ୍ କରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରୁଛନ୍ତି। ଏନେଇ ଉକ୍ତ ସ୍କୁଲର କନିଷ୍ଠ କିରାଣି ସନାତନ ବିଶ୍ୱାଳଙ୍କ ଲିଖିତ ବୟାନ ଜିଲା ଶିକ୍ଷା ଅଧିକାରୀ ରେକର୍ଡ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ପ୍ରଧାନ ଶିକ୍ଷକ ଏବଂ ସ୍କୁଲର ସମସ୍ତ ଶିକ୍ଷକଙ୍କର ଜୁଲାଇ ମାସ ଦରମା ବନ୍ଦ କରିଦେଇଛନ୍ତି। ଉକ୍ତ ୨ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଶେରଗଡ ଏମ୍‌ଜି ହାଇସ୍କୁଲକୁ ୯ ତାରିଖରେ ଜିଲାପାଳ ପରିଦର୍ଶନ କରି କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଉକ୍ତ ପରିଦର୍ଶନ ସମ୍ବନ୍ଧରେ ସିଆରସିସି ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ମାତ୍ର ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିବା ବେଳେ ଷ୍ଟାଫ୍‌ମାନେ ବିଳମ୍ବରେ ଆସିଥିଲେ। ଏନେଇ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ କୌଣସି ରିପୋର୍ଟ ଠିକ୍ ସମୟରେ ଦାଖଲ ହେଉନି। ୟୁଟ୍ୟୁବ୍ କ୍ଲାସ ମନିଟରିଂ, ହୋମ୍ ଭିଜିଟ୍, ୱାର୍କ ଶିଟ୍ ପ୍ରସ୍ତୁତି ଆଦି କ୍ଷେତ୍ରରେ ପ୍ରଧାନ ଶିକ୍ଷକଙ୍କ ଅବହେଳାର ସୁଯୋଗ କେତେକ ଶିକ୍ଷକ ନେଉଛନ୍ତି। ସେନେଇ ଶେରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଏ ସମ୍ପର୍କରେ ସେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଛନ୍ତି।



ବୈଠକରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## କନ୍ଧମାଳ ପ୍ରାକୃତିକ ସମ୍ପଦର ବିକାଶ କରାଯିବ

**ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ସମୀକ୍ଷା**

ଫୁଲବାଣୀ ଅଫିସ, ୨୪।୭

କନ୍ଧମାଳ ଜିଲା ଗସ୍ତରେ ଶନିବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ଆସି ଫୁଲବାଣୀ ସର୍କିଟ ହାଉସରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଛନ୍ତି। ବିଶେଷ କରି ଜିଲାର ପ୍ରାକୃତିକ ସମ୍ପଦର ବିକାଶ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଜିଲାର କେତେକ କ୍ଷେତ୍ର ପରିଦର୍ଶନ ପରେ ତ୍ରିପାଠୀ କହିଛନ୍ତି, କନ୍ଧମାଳ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏହାର ପାର୍ବତ୍ୟାଞ୍ଚଳ ପୂର୍ବଘାଟ ପର୍ବତମାଳାର ଏକ ଅଂଶ। ଜିଲାର ପ୍ରାକୃତିକ ବିଭବକୁ ଲୋକଲୋଚନକୁ ଆଣିବା ପାଇଁ ଗତବର୍ଷ ଦାରିଙ୍ଗବାଡ଼ିରେ ଇକୋ ରିଟ୍ରିଟ୍ କ୍ୟାମ୍ପ ସମ୍ପର୍କରେ ଉତ୍ସାହଜନକ ପ୍ରତିକ୍ରିୟା ମିଳୁଛି। ଚଳିତବର୍ଷ ଜିଲାର ବିଭିନ୍ନ ଆକର୍ଷଣୀୟ ସ୍ଥାନରେ ଅଧିକ ଇକୋ ରିଟ୍ରିଟ୍ କ୍ୟାମ୍ପ ୫ବର୍ଷ ପର୍ଯ୍ୟନ୍ତ ଆୟୋଜନ କରାଯିବ। ଫଳରେ ପର୍ଯ୍ୟଟନ ସହିତ ପର୍ଯ୍ୟଟକ, ଟୁର ଅପରେଟର ଓ ବ୍ୟବସାୟୀମାନେ ସେମାନଙ୍କ କାର୍ଯ୍ୟ ପରିସରକୁ ବିସ୍ତାରିତ କରିପାରିବେ ବୋଲି କହିଥିଲେ। ପୁଟୁଡ଼ି, କାଟ୍ରାମାଳା ଆଦି ଆକର୍ଷଣୀୟ ଜଳପ୍ରପାତଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଚିହ୍ନଟ କରିବାକୁ ତ୍ରିପାଠୀ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ଶୀତ ଋତୁରେ ପର୍ଯ୍ୟଟକଙ୍କ ବ୍ୟବହାର ପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାସ୍ତା ବିକାଶ କରିବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦିଆଯିବ। ଏଥିସହ ଜିଲାର କଳା, ସଂସ୍କୃତିକୁ ଦୃଷ୍ଟିରେ ରଖି ଜିଲା ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ମଧ୍ୟ କହିଥିଲେ। ଜିଲାରେ ପ୍ରାକୃତିକ ସ୍ଥାନ ଏବଂ ଜଙ୍ଗଲ ଦେଇ ଅନେକ ଉତ୍କୃଷ୍ଟ ରାସ୍ତା ଅଛି; ଯାହା ପ୍ରକୃତିପ୍ରେମୀଙ୍କୁ ଉତ୍ସାହଜନକ ଭାବେ ବାଇକ୍‌ରେ ଯାଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାରେ ଅଭିଜ୍ଞତା ଦେଇପାରିବ। ଆସନ୍ତା ଶୀତଋତୁରେ ଏସବୁ କାର୍ଯ୍ୟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠିତ ବୈଠକରେ ଜିଲାପାଳ ଡା. ବୃନ୍ଦା ଡି, ଏସ୍‌ପି ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ଅଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ମାଟ୍ରିକ ପରୀକ୍ଷା ପ୍ରସ୍ତୁତି ଅନୁଧ୍ୟାନ କଲେ ନିର୍ଦ୍ଦେଶକ

ଛତ୍ରପୁର/ହିଞ୍ଜିଳିକାଟୁ/ଶେରଗଡ, ୨୪।୭(ଡି.ଏନ.ଏ.)



ନିର୍ଦ୍ଦେଶକ ଛତ୍ରପୁରଠାରେ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ପରୀକ୍ଷାର୍ଥୀଙ୍କ ଥର୍ମାଲ ସ୍କ୍ରିନିଂ ହେବ
- ସାମାଜିକ ଦୂରତା, ମାସ୍କ ପିନ୍ଧିବା ବାଧ୍ୟତାମୂଳକ

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଗଞ୍ଜାମ ଜିଲାରେ ହେବାକୁ ଥିବା ଅଫ୍‌ଲାଇନ୍ ମାଟ୍ରିକ ପରୀକ୍ଷା, ବିଭିନ୍ନ ସ୍କୁଲରେ ସ୍ମାର୍ଟ ସ୍କୁଲ କାର୍ଯ୍ୟର ଅଗ୍ରଗତି, ସଫେଇ ଓ ଚାରାରୋପଣ କାର୍ଯ୍ୟର ଅଗ୍ରଗତିର ଅନୁଧ୍ୟାନ କରିଛନ୍ତି। ଶନିବାର ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ପରିଦର୍ଶନ କରିଥିଲେ। ଆଗକୁ ଉକ୍ତ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ହେବ। ପ୍ରସ୍ତୁତି ସମ୍ପର୍କରେ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କ ସହ ଆଲୋଚନା କରି ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସ୍କୁଲରେ ୧୧୦ଜଣ ମାଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ୭ଟି ପରୀକ୍ଷା ହଲ୍ ପ୍ରସ୍ତୁତ କରାଯାଇଥିବା ସୂଚନା ଦିଆଯାଇଥିଲା। ପରୀକ୍ଷାର୍ଥୀଙ୍କ ପାଇଁ ବସିବା ସହ ପାଇଖାନା, ପାନୀୟଜଳ ବ୍ୟବସ୍ଥା କରିବା ଏବଂ ପରୀକ୍ଷାହଲ୍‌ରେ ଅଧିକ ଆଲୋକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ମାଟ୍ରିକ୍ ପରୀକ୍ଷା ସମୟରେ ଯେଭଳି ସ୍କୁଲ ବାହାରେ କୌଣସି ଉଠା ଦୋକାନ ରହିବନି ସେ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ସେ କହିଛନ୍ତି। ପରୀକ୍ଷା ଦେବାକୁ ଆସିଥିବା ପିଲାମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ରହିଛି। ଯଦି କୌଣସି ପରୀକ୍ଷାର୍ଥୀ ମାସ୍କ ପିନ୍ଧି ନ ଥିବେ ତାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ମାସ୍କ ଦେବେ। ଏଥିସହ ପରୀକ୍ଷାର୍ଥୀମାନେ ସାମାଜିକ ଦୂରତା ଅବଲମ୍ବନ କରି ସ୍କୁଲକୁ ଆସିବେ। ସମସ୍ତ ପରୀକ୍ଷାର୍ଥୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ। ଗହଳି ହେବନି ଏବଂ ପରୀକ୍ଷାର୍ଥୀମାନଙ୍କର ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାଟ୍ରିକ ପରୀକ୍ଷା ଆରମ୍ଭ ପୂର୍ବରୁ ସ୍କୁଲରେ ଚାଲିଥିବା ସମସ୍ତ ନିର୍ମାଣ ଓ ଉନ୍ନତୀକରଣ କାର୍ଯ୍ୟ ସାରିବାକୁ କୁହାଯାଇଛି। ପରେ ଉକ୍ତ ସ୍କୁଲରେ ଚାଲିଥିବା ସ୍ମାର୍ଟକ୍ଲାସ ଅଗ୍ରଗତିର ସେ ଅନୁଧ୍ୟାନ କରିଥିଲେ। ଏଠାରେ ଜଣେ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କୁ ପୋଷ୍ଟିଂ କରିବାକୁ ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ କୁମାର ସାମଲ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିର୍ଦ୍ଦେଶକଙ୍କ ପରିଦର୍ଶନ ବେଳେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଉରୀ ବନ୍ଧୁ ପଣ୍ଡା ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ନିର୍ଦ୍ଦେଶକ ଶତପଥୀ ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠକୁ ଗସ୍ତ କରିସ୍ମାର୍ଟ କ୍ଲାସ ଗୁଡ଼ିକ ପରିଦର୍ଶନ କରିବା ସହ ଶେରଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ।

## ୨ ଡକାୟତି ମାମଲା, ୯ ଗିରଫ

ଆସିକା,୨୪।୭(ଡି.ଏନ.ଏ.)

ଗତ ଦୁଇ ମାସ ମଧ୍ୟରେ ଆସିକା ଓ ଗାଙ୍ଗପୁର ଥାନାର ଦୁଇଟି ପୃଥକ ସ୍ଥାନରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଏଜେଣ୍ଟଙ୍କଠାରୁ ପ୍ରାୟ ୨ ଲକ୍ଷ ଟଙ୍କା ଲୁଟ ହୋଇଥିଲା। ଏହି ମାମଲାରେ ଉଭୟ ଥାନାର ପୋଲିସ ୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ପ୍ରାୟ ୨ ଲକ୍ଷ ଟଙ୍କା, ୬ଟି ବାଇକ, ୭ଟି ମୋବାଇଲ ଫୋନ, ଛୁରି ଓ ଭୁଜାଲି ଜବତ କରାଯାଇଛି। ଗାଙ୍ଗପୁର ଥାନା ଅଞ୍ଚଳରେ ଘଟିଥିବା ମାମଲାରେ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ବେଳେ ଅନ୍ୟ ୨ଜଣ ଫେରାର ଥିବା ଜଣାପଡିଛି। ଏ ନେଇ ଶନିବାର ମଧ୍ୟାହ୍ନରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂଙ୍କ ଉପସ୍ଥିତିରେ ସ୍ଥାନୀୟ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ, ଗତ ୯ ତାରିଖରେ ଆସିକା ଥାନା ଚାରିମଇଲି ସିଦ୍ଧନୟୀ ରାସ୍ତାର ବଣବାଲ୍ଲୀ ଆମ୍ବତୋଟା ନିକଟରୁ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଏଜେଣ୍ଟଙ୍କୁ ୬ଜଣ ବାଇକ୍‌ରେ ଆସି ଆକ୍ରମଣ କରି ୯୮ ହଜାର ଟଙ୍କା ଲୁଟିନେଇଥିଲେ। ନଂ. ୪୫୪/୨୧ରେ ମାମଲା ରୁଜୁ କରି ୭ଜଣଙ୍କୁ ଗିରଫ କରିଥିଲା। ସେହିଭଳି ଗାଙ୍ଗପୁର ଥାନା ବାଲିପଟା ଛକଠାରେ ମେ ୧୪ରେ ୫ ଅଭିଯୁକ୍ତମାନେ ଏକଫାଇନାନ୍ସସଂସ୍ଥାରଏଜେଣ୍ଟଙ୍କୁଆକ୍ରମଣ କରି ୧ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପୋଲିସ ନଂ.୧୯୫/୨୧ରେ ମାମଲା ରୁଜୁ କରି ୪ଜଣଙ୍କୁ ଧରିଥିଲା। ମାମଲାରେ ଜଣେ ନାବାଳକ ରହିଥିଲା ବେଳେ ଅନ୍ୟ ୨ଜଣ ଫେରାର ଥିବା କୁହାଯାଇଛି।

## ନିଯୁକ୍ତି ଦାବିରେ ଟାଟା ଷ୍ଟିଲ୍ ଅଫିସ ଘେରାଉ

ଛତ୍ରପୁର,୨୪।୭(ଡି.ଏନ.ଏ.)

ଛତ୍ରପୁର ଉପକଣ୍ଠ ଟାଟା ଷ୍ଟିଲ୍ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହୋଇଥିବା ଟାଟା ଟା' ପ୍ୟାକେଜିଂ ୟୁନିଟରେ ଜମି ହରାଇଥିବା ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି ହୋଇଛି। ଏନେଇ ଭାଜପା ପକ୍ଷରୁ ଶନିବାର ଟାଟା ଅଫିସ ଘେରାଉ କରାଯାଇଥିଲା। ପରେ ଟାଟା କର୍ତ୍ତୃପକ୍ଷଙ୍କୁ ଭେଟି ଭାଜପା ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଛି। ଭାଜପା ନେତା ପ୍ରଶାନ୍ତ କରଙ୍କ ନେତୃତ୍ୱରେ ପଦ୍ମଚରଣ ସାହୁ, ସଞ୍ଜିତ କୁମାର ରାଉଳ, ଗଣେଶ ରେଞ୍ଜୀ ଚମାଖଣ୍ଡି ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳର ଏକ ଶହରୁ ଊର୍ଦ୍ଧ୍ୱଶ୍ରମିକ, ଗ୍ରାମବାସୀ ଟାଟା ଅଫିସ ଘେରାଉ କରି ନିଯୁକ୍ତି ଦାବି କରିଥିଲେ।

## ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୨୪।୭(ଡି.ଏନ.ଏ.)

ଅଗଷ୍ଟ ୧୫ ତାରିଖରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳିତ ହେବ। ଏଥିସହ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ରହିଛି। ତେଣୁ ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ଶନିବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଆଗାମୀ କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀଅରବିନ୍ଦଙ୍କ ବାଣୀ ଲୋକଙ୍କ ପାଖରେ କିଭଳି ପହଞ୍ଚି ପାରିବ ସେଥିପାଇଁ ଭଞ୍ଜନଗର ଏନ୍‌ଏସି ଓ ବ୍ଲକର ୨୨ ପଞ୍ଚାୟତରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏନ୍‌ଏସି ପାଇଁ ଅଧ୍ୟାପିକା ସୁପ୍ରଭା ବେହେରା ଚୟନ ହୋଇଛନ୍ତି। ବୈଠକରେ ରତ୍ନ ମଞ୍ଜରୀ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ରମେଶ ବେହେରା,ରଶ୍ମିତା ସାହୁ,ରଞ୍ଜିତା ପାଣିଗ୍ରାହୀ, ସୁଚିତ୍ରା ବେହେରା, ସୁରଭି କୁଷୁମ ଲତା ଓ ସ୍ୱପ୍ନା ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖଜୁରିପଡ଼ା/ବଲସକୁମ୍ପା, ୨୪।୭ (ଡି.ଏନ୍.ଏ.)

ଖଜୁରିପଡ଼ା ବ୍ଲକ ବାରିକୁମ୍ପା ଗ୍ରାମର କାଣ୍ଡିଆନାଳ ଖେଳପଡ଼ିଆଠାରେ ୮ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ସମିତିସଭ୍ୟ ସରୋଜ କୁମାର ସାହାଣୀ, ରାଜେନ୍ଦ୍ର ବେହେରା, ବିବାନ ଗଣ୍ଡା, ରାଜୀବ କୁମାର ଦେହୁରୀ, ବିଦୁର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାଣ୍ଡିଆନାଳ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ସମସ୍ତ ଦଳକୁ ହରାଇ ବୋଇଡା ଏବଂ ତିଳକପଡା କ୍ରିକେଟ ଦଳ ଫାଇନାଲରେ ପହଞ୍ଚିଥିଲେ। ସେଥିରେ ବୋଇଡା ୧୧୬ ରନ କରିଥିବା ବେଳେ ତିଳକପଡା ୧୧୭ ରନ କରି ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଙ୍କ ଉଭୟ ଦଳକୁ ଉଇନର ଓ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟାର ଚିନ୍ମୟ ବେହେରା ଏବଂ ବିକାଶ କୁମାର ଗଣ୍ଡା ଖେଳ ପରିଚାଳନା କରିଥିଲେ।

## ସୋମବାରରୁ ଦଶମ, ଦ୍ୱାଦଶ ଶ୍ରେଣୀ ଅଫ୍‌ଲାଇନ୍ ଶିକ୍ଷାଦାନ

**ଶିକ୍ଷାନୁଷ୍ଠାନ ସ୍ଥିତି ସମୀକ୍ଷା କଲେ ବିଇଓ, କଲେଜ ସାନିଟାଇଜ୍**

ଭଞ୍ଜନଗର,୨୪।୭(ଡି.ଏନ.ଏ.)

କରୋନା ପାଇଁ ଗତବର୍ଷ ମାର୍ଚ୍ଚ ୨୪ରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଫ୍‌ଲାଇନ ଶିକ୍ଷାଦାନ ଆଜି ପର୍ଯ୍ୟନ୍ତ ପ୍ରାୟ ବନ୍ଦ ହୋଇଯାଇଛି। ପ୍ରଥମ ଲହର କମିବା ପରେ ଅଫ୍‌ଲାଇନ ଶିକ୍ଷାଦାନ ପାଇଁ କେତେକ ଶିକ୍ଷାନୁଷ୍ଠାନ କୋଭିଡ୍ ନିୟମ ଅନୁସାରେ ଖୋଲାଯାଇଥିଲା। କିନ୍ତୁ କରୋନା ସ୍ଥିତି ପୁଣି ବିଗିଡ଼ିବା ପରେ ଅଫ୍‌ଲାଇନ ଶିକ୍ଷାଦାନ ବନ୍ଦ ହୋଇଯାଇଥିଲା। ଏହାପରେ ସରକାର ଅନ୍‌ଲାଇନ୍ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେଇଥିଲେ। କିନ୍ତୁ ଏହା ଶତ ପ୍ରତିଶତ ସଫଳ ହୋଇନାହିଁ। ଏବେବି ଅନେକ ଛାତ୍ରୀଛାତ୍ରଙ୍କ ପାଖରେ ମୋବାଇଲ ଫୋନ ନାହିଁ। ଆଉ କେତକ ସ୍ଥାନରେ ନେଟ୍‌ୱର୍କ ରହୁନାହିଁ। ଏହିଭଳି ପରିସ୍ଥିତିରେ ଆଗାମୀ ବୋର୍ଡ଼ ପରୀକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ଏବଂ ଯୁକ୍ତ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ୨୬ ତାରିଖରୁ ପାଠ ପଢ଼ାଇବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ପ୍ରସ୍ତୁତି ଚାଲିଛି। ଏ ନେଇ ଶନିବାର ଭଞ୍ଜନଗର ବ୍ଲକରେ ଥିବା ହାଇସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ହୋଇଥିଲା। ଏଥିରେ ମାଟ୍ରିକ ପରୀକ୍ଷା,ବିଦ୍ୟାଳୟ ଖୋଲିବା, ୟୁଟ୍ୟୁବ୍ କ୍ଲାସ୍, ମୋ ସ୍କୁଲ ଅଭିଯାନ, ବିନିଯୋଗ ପ୍ରମାଣ ପତ୍ର ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା। ବିଇଓ ଏସ୍.ଧନଞ୍ଜୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅପରପକ୍ଷେ ବିଦ୍ୟାଳୟ ଓ କଲେଜ ଗୁଡ଼ିକୁ ସାନିଟାଇଜ୍ କରାଯାଇଛି।

## ରୋଗୀ ମୃତ୍ୟୁକୁ ନେଇ ରାସ୍ତାରୋକୋ

**ଆର. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ୬ ଡାକ୍ତର ଅନୁପସ୍ଥିତ

ଆର.ଉଦୟଗିରି,୨୪।୭(ଡି.ଏନ.ଏ.)

ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଖ୍ରୀଷ୍ଟିୟାନ ସାହିର ରାଜେନ୍ଦ୍ର ଜେନା ଗାଧୁଆଘରେ ପଡ଼ିଯିବା ପରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ବହୁତ ସମୟ ଅପେକ୍ଷା କରିବା ପରେ ମଧ୍ୟ କୌଣସି ଡାକ୍ତର ଚିକିତ୍ସା କରି ନ ଥିଲେ। ଜଣାପଡ଼ିଲା, ଏଠି ଦାୟିତ୍ୱରେ ଥିବା ୬ ଡାକ୍ତରଙ୍କ ମଧ୍ୟରୁ କେହି ମଧ୍ୟ ନାହାନ୍ତି। ଏଥିରୁ ୩ ଜଣ ପିଜି ପରୀକ୍ଷା ଦେବା ପାଇଁ ଯାଇଥିବା ବେଳେ ଜଣେ ପାରଳାଖେମୁଣ୍ଡିରେ କୋଭିଡ୍ ଡ୍ୟୁଟି କରୁଛନ୍ତି। ଆଉ ଦୁଇଜଣ ମଧ୍ୟ ନ ଥିଲେ। ଏଭଳି ପରିସ୍ଥିତି ଦେଖି ରୋଗୀଙ୍କୁ ଆଣିଥିବା ସମ୍ପର୍କୀୟମାନେ ବିରକ୍ତ ହୋଇଥିଲେ। ଅଚାନକ ଶତାଧିକ ମହିଳା ଓ ପୁରୁଷ ମିଶି ମେଡିକାଲ ଆଗରେ ରାସ୍ତାରୋକୋ କରିଥିଲେ। ଜିଲାପାଳ ନ ଆସିଲେ ରାସ୍ତାରୋକୋ ହଟିବ ନାହିଁ ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଅନ୍ୟପଟେ ଡାକ୍ତର ସୁଧାଂଶୁ ଶେଖର ପଣ୍ଡା କହିଥିଲେ, ରାଜେନ୍ଦ୍ରଙ୍କ ଘରେ ମୃତ୍ୟୁ ହୋଇଛି, ମେଡିକାଲରେ ନୁହେଁ। ଏହି ବିଷୟ ନେଇ ଖ୍ରୀଷ୍ଟିଆନ ସାହିର କେତେକ ବ୍ୟକ୍ତି ଏବଂ ଥାନାଧିକାରୀ ଓ ଡାକ୍ତରଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ହେଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ପରେ ବିଡିଓ ପ୍ରଦୀପ କୁମାର ନାୟକ, ଥାନାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପୂଜାରୀ, ଦାୟିତ୍ୱରେ ଥିବା ଡାକ୍ତର ଏବଂ ସାହିବାସିନ୍ଦାଙ୍କୁ ନେଇ ବୈଠକ ବସିଥିଲା। ରେଡ୍‌କ୍ରସ୍ ତରଫରୁ ୨୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ ସତ୍ତ୍ୱେ ରାସ୍ତାରୋକୋ ହଟି ନ ଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ଡାକ୍ତର ନିଯୁକ୍ତ କରିବାକୁ ଲୋକେ ଦାବି କରିଥିଲେ। ମୃତଦେହ ବ୍ୟବଚ୍ଛେଦ ଲାଗି ନ ପଠାଇବା ପାଇଁ ଅଡ଼ି ବସିଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମୃତଦେହ ବ୍ୟବଚ୍ଛେଦ ପାଇଁ ମନା କରିବା ପରେ ରାସ୍ତାରୋକୋ ହଟିଥିଲା।



ମେଡିକାଲ ଆଗରେ ରାସ୍ତାରୋକୋ କରାଯାଉଛି।

## ଅତିରିକ୍ତ ଉପଜିଲାପାଳଙ୍କ ଛତୁଆ କେନ୍ଦ୍ର ପରିଦର୍ଶନ

ପାରଳାଖେମୁଣ୍ଡି,୨୪।୭(ଡି.ଏନ୍.ଏ.)

ଗଜପତି ଜିଲା ଅତିରିକ୍ତ ଉପଜିଲାପାଳ ଶେଷଦେବ ମିଶ୍ର ମୋହନା ଗସ୍ତରେ ଆସି ବ୍ଲକରେ ଥିବା ୩ଟି ଛତୁଆ କେନ୍ଦ୍ର ଚନ୍ଦ୍ରଗିରି, ମୋହନା ଓ ଅଡବା ପରିଦର୍ଶନ କରିଥିଲେ। ପ୍ରତ୍ୟେକ କେନ୍ଦ୍ରର ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି, ସମ୍ପାଦକ ଓ କର୍ମଚାରୀଙ୍କ ସହିତ ଛତୁଆର ମାନ, ଗୁଣବତ୍ତା, ପରିମାଣ, ଓଜନ ଆଦି ଯାଞ୍ଚ ସହ ପରୀକ୍ଷା ନିରୀକ୍ଷା କରିଥିଲେ। ସମସ୍ତ କେନ୍ଦ୍ରର ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରକୁ ଯାଇ କର୍ମୀଙ୍କ ସହ ଛତୁଆ ବିତରଣ ଓ ଶିଶୁମାନଙ୍କ ପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଉପଜିଲାପାଳଙ୍କ ସହ ବିଡିଓ ସାର୍ଥକ ସୌରଭ ମହାପାତ୍ର, ତହସିଲଦାର ସାରଦା ପ୍ରସନ୍ନ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରିଣୀ ଡ. ନମିତା ପଣ୍ଡା, ସିଡିପିଓ ଲଳିତା ମଲ୍ଲିକ୍, ସୁପରଭାଇଜର ଚନ୍ଦ୍ରମଣି ଛିଞ୍ଚାଣି ପ୍ରମୁଖ ଉପସ୍ଥିତ ଥିଲେ।

